بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୧୦ ମଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

**ସରିୟା ହଜରତ ଅବୁ ସଲ୍‌ମାଃ, ସରିୟା ହଜରତ ଅବଦ୍ଲୁଲ୍ଲାଃ ବିନ୍ ଅନିସ୍ ଓ ସରିୟା ରଜିଇ ଘଟଣାବଳୀ ଆଲୋକରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ପବିତ୍ର ଜୀବନୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ଏବଂ ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗ କରୁଥିବା ତଥା ନିରୀହ ଫିଲିସ୍ତିନବାସୀଙ୍କ ପାଇଁ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ଓ୍ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଆଜି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ କାଳରେ ଘଟିଥିବା କିଛି ସରିୟା (ଅଭିଯାନର) ଚର୍ଚ୍ଚା କରିବି । ଏହି ପରିପ୍ରେକ୍ଷୀରେ ପ୍ରଥମ କବିଲା (ଗୋଷ୍ଠୀ) ବନୁ ଅସଦ୍‌ର ଦୃଷ୍ଟାନ୍ତି ଓ ସରିୟା ଅବୁ ସଲ୍‌ମାଃର ଚର୍ଚ୍ଚା କରିବି । ଯେଉଁ ଅଭିଯାନରେ ହୁଜୁରସ.ଅ ସ୍ୱୟଂ ଅଂଶ ଗ୍ରହଣ କରି ନଥିଲେ କିନ୍ତୁ ଆପଣସ.ଅ ନିଜ ସାଥିମାନଙ୍କୁ ପ୍ରେରଣ କରୁଥିଲେ, ତାହାକୁ ସରିୟା କୁହନ୍ତି । ସେଥିରୁ ମଧ୍ୟ ଆପଣ ସ.ଅଙ୍କ ପବିତ୍ର ଆଚରଣର ଅନେକ ଶିକ୍ଷଣୀୟ ପ୍ରସଙ୍ଗ, ଆପଣ ସ.ଅଙ୍କ ସୂକ୍ଷ୍ମ ବୁଦ୍ଧିଜ୍ଞାନ, ମୁସଲମାନମାନେ ଶତ୍ରୁର ଆକ୍ରମଣକୁ ପ୍ରତିରୋଧ କରିବାର ଶୈଳୀ ଓ ଶତ୍ରୁ ପ୍ରତି ସହାନୁଭୂତି ପ୍ରକଟ କରିବା ଓ ନବୀଶିରୋମଣୀଙ୍କ ପବିତ୍ର ଜୀବନୀ ସଂକ୍ରାନ୍ତରେ ଜ୍ଞାତ ହୋଇଥାଏ ।

ସରିୟା ଅବୁ ସଲ୍‌ମାଃ ୪ହିଜରୀର ମୁହରମ୍ ମାସରେ ହୁଜୁର ସ.ଅଙ୍କ ଫୁପୁ ପୁଅ ଭାଇ ଓ ହଜରତ ହମଜାଃ ର.ଅଙ୍କର ରଜାଇ ଭାଇ (ଗୋଟିଏ ମହିଳାଙ୍କ ଠାରୁ କ୍ଷୀରପାନ କରିଥିବା ଦୁଇଜଣ ବ୍ୟକ୍ତି) ହଜରତ ଅବୁ ସଲ୍‌ମାଃ ବିନ୍ ଅବ୍‌ଦୁଲ୍ ଅସଦ୍ ମଖ୍‌ଜୁମୀ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା, ଯେ କି ବଦର୍ ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ ଥିଲେ । ଉକ୍ତ ଅଭିଯାନର ଉପକ୍ରମ କିଛି ଏପରି ଉଲ୍ଲେଖ ରହିଛି କି ଓ୍ୱହଦ୍ ଯୁଦ୍ଧର ଅବସ୍ଥା ଓ ବିଭୀଷିକା ଯୋଗୁଁ ମଦିନାରେ ବସବାସ କରୁଥିବା କପଟବିଶ୍ୱାସୀ, ୟହୁଦୀ ଓ ମଦିନାର ଆଖପାଖରେ ବସବାସ କରୁଥିବା ଗୋଷ୍ଠୀମାନଙ୍କ ହୃଦୟରେ ଏକଥା ଜାତ ହେଲା କି ମୁସଲମାନମାନଙ୍କର ଖୁବ୍ ଶୀଘ୍ର ମୂଳୋତ୍ପାଟନ କରିବାର ଯୋଜନା ପ୍ରସ୍ତୁତ କରାଯାଇପାରେ । ଅତଏବ ସର୍ବପ୍ରଥମେ ବନୁ ଅସଦ୍ ବିନ୍ ଖଜିମାଃ କବିଲା ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତ କରିଥିଲା । ଉକ୍ତ କବିଲାର ପ୍ରଧାନ ତଲ୍‌ହା ବିନ୍ ଖୌଏଲଦ୍ ଓ ତାହାର ଭାଇ ଲୋକମାନଙ୍କୁ ଏକାଠି କରି ଗୋଟିଏ ସୈନ୍ୟଦଳ ଗଠନ କରିଥିଲା । ବନୁ ଅସଦ୍‌ର ଜଣେ ବ୍ୟକ୍ତି କୈଶ ବିନ୍ ହାରିସ୍ ବିନ୍ ଉମୈର ନିଜ ଦଳକୁ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାକୁ ଉପଦେଶ ଦେଇ ଉତ୍ସାହିତ କରିଥିଲା । ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ଯେତେବେଳେ ଏହି ସୂଚନା ମିଳିଲା ସେତେବେଳେ ଆପଣସ.ଅ ନିଷ୍ପତ୍ତି ନେଲେ କି ସେମାନଙ୍କ ଆକ୍ରମଣ କରିବା ପୂର୍ବରୁ ମୁସଲମାନମାନେ ନିଜ ଆତ୍ମରକ୍ଷା କରିବା ଉଦ୍ଦେଶ୍ୟରେ ସେମାନଙ୍କ ଉପରେ ଚଢ଼ାଉ କରିଦିଅନ୍ତୁ । ଅତଏବ ହୁଜୁରସ.ଅ ୧୫୦ଜଣ ସାହାବାଙ୍କୁ ମନୋନୀତ କରି ଉକ୍ତ କବିଲା ଆଡ଼କୁ ପ୍ରେରଣ କଲେ ।

ଉକ୍ତ ସୈନ୍ୟଦଳ ନିଜ ଉଦ୍ଦେଶ୍ୟ ଗୋପନ ରଖି ନିଜ ଯାତ୍ରା ଆରମ୍ଭ କଲେ ଏବଂ କତନ୍ ପର୍ବତ ନିକଟରେ ବାସ କରୁଥିବା ବନୁ ଅସଦ୍ ବିନ୍ ଖଜିମାଃ ନିର୍ଝରରେ ପହଞ୍ଚିଗଲେ ଏବଂ ସେମାନଙ୍କ ଉପରେ ଆକ୍ରମଣ କରି ତାଙ୍କର ଗାଇ ମଇଁଷିଗୁଡ଼ିକୁ ନିଜ ଅଧିନ କରିନେଲେ । ଆଉ ସେମାନଙ୍କର ଚାରିଜଣ ପଶୁ ଚଳାଳୀଙ୍କୁ ଧରିନେଲେ କିନ୍ତୁ ବାକି

ଲୋକମାନେ ପଳାୟନ କରିବାରେ ସଫଳ ହେଲେ । ଉକ୍ତ ପଳାୟନକାରୀ ବନୁ ଅସଦ୍ କବିଲାରେ ପହଞ୍ଚି ଏହି ଆକ୍ରମଣର ଖବର ଦେଇ ଅତିଶୟତା ଅବଲମ୍ବନ କଲେ କି ମୁସଲମାନ ସୈନ୍ୟସାମନ୍ତ ଢ଼େର ଅଧିକ ସଂଖ୍ୟାରେ ଆସିଛନ୍ତି । ଏହା ଶୁଣି ବନୁ ଅସଦ୍ କବିଲା ଭୟଭୀତ ହୋଇଗଲେ ଏବଂ ଏଣେତେଣେ ପଳାୟନ କଲେ । ହଜରତ ଅବୁ ସଲ୍‌ମାଃ[ର.ଅ] ସେମାନଙ୍କ ସନ୍ଧାନରେ ନିଜ ସାଥିମାନଙ୍କୁ ପ୍ରେରଣ କଲେ କିନ୍ତୁ ସେମାନଙ୍କ ସହିତ ମୁହାଁମୁହିଁ ହେଲା ନାହିଁ । ଅବୁ ସଲ୍‌ମାଃ[ର.ଅ] ଅଧିକାର କରିଥିବା ସେମାନଙ୍କର ସମସ୍ତ ଧନସମ୍ପତ୍ତି ଏକତ୍ର କରି ତାହାର ଏକ ପଞ୍ଚମାଂଶ ହୁଜୁର [ସ.ଅ]ଙ୍କ ପାଇଁ ପୃଥକ କଲେ, ବାକି ଅଂଶ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦେଲେ । ହଜରତ ଅବୁ ସଲ୍‌ମାଃ [ର.ଅ]ଙ୍କ ଦେହାନ୍ତ ସମ୍ପର୍କରେ ଉଲ୍ଲେଖ ରହିଛି କି ଯେତେବେଳେ ସେ ମଦିନା ଫେରି ଆସିଲେ, ଓ୍ୱହଦ୍ ଯୁଦ୍ଧରେ ତାଙ୍କୁ ଯେଉଁ ଆଘାତ ଲାଗିଥିଲା ତାହା ପୁନଃ ତାଜା ହୋଇଗଲା ଯଦ୍ୱାରା ସେ ରୋଗରେ ଆକ୍ରାନ୍ତ ହୋଇଗଲେ ଏବଂ ସେହି ବର୍ଷର ଜମାଦିଉଲ୍ ଆଖିର ମାସରେ ଇହଧାମ ତ୍ୟାଗ କଲେ ।

ବନୁ ଅସଦ୍‌ର ପ୍ରଧାନ ତଲହା ବିନ୍ ଖୌଏଲଦ୍ ଯାହାର ଚର୍ଚ୍ଚା ପଛରେ କରି ଆସିଲି, ସେ ପରବର୍ତ୍ତୀ ସମୟରେ ଇସଲାମ ଧର୍ମରେ ଦିକ୍ଷୀତ ହେଲା କିନ୍ତୁ ପୁନଶ୍ଚ ବିପଥଗାମୀ ପାଲଟି ଯାଇଥିଲା । ଆଉ ଅବତାରତ୍ୱର ମିଥ୍ୟା ଦାବି କରି ବିଦ୍ରୋହ ଓ ବିଶୃଙ୍ଖଳା ସୃଷ୍ଟି କରିଥିଲା । କିନ୍ତୁ ଶେଷରେ ପରାସ୍ତ ହୋଇ ଆରବରୁ ପଳାୟନ କରିଥିଲା ଏବଂ କିଛିକାଳ ପରେ ପଶ୍ଚାତାପ କରି ପୁନର୍ବାର ମୁସଲମାନମାନଙ୍କ ସହିତ ରଣକ୍ଷେତ୍ରରେ ଓହ୍ଲାଇ ନିଜ ବୀରତା ପ୍ରଦର୍ଶନ କରିଥିଲା ଏବଂ ୨୧ହିଜ୍‌ରୀରେ ଗୋଟିଏ ଯୁଦ୍ଧରେ ନିହତ ହୋଇ ଶହିଦ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । **ଅସଲରେ ପରାକ୍ରମୀ ଅଲ୍ଲାଃ ତାଙ୍କର ଶେଷ ପରିଣତି ସଫଳ କରିବାର ନିୟତ ରଖିଥିଲେ ତେଣୁ ସେ ଇସଲାମ୍ ଧର୍ମ ଗ୍ରହଣ କରି ସେହି ଉଦ୍ଦେଶ୍ୟ ପ୍ରାପ୍ତ କରିନେଲେ ।**

ସେଥିଅନ୍ତେ ସରିୟା ହଜରତ ଅବଦୁଲ୍ଲାଃ ବିନ୍ ଅନିସ୍ ସଂକ୍ରାନ୍ତରେ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି । ହଜରତ ଅବଦୁଲ୍ଲାଃ[ର.ଅ] ବୈତେ୍ ଉକ୍‌ବା ସାନିୟା, ବଦର୍, ଓ୍ୱହଦ୍ ଯୁଦ୍ଧ ଓ ଅନ୍ୟାନ୍ୟ ଯୁଦ୍ଧରେ ସାମିଲ ଥିଲେ । ସେ ସିରିୟା ଦେଶରେ ୫୪ହିଜ୍‌ରୀ ଅଥବା କେତେକ ବର୍ଣ୍ଣନାନୁଯାୟୀ ସେ ୭୪ହିଜ୍‌ରୀରେ ଦେହ ତ୍ୟାଗ କରିଥିଲେ । ହଜରତ ମିର୍ଜା ବଶିର୍ ଅହେମଦ[ର.ଅ] ଉକ୍ତ ଅଭିଯାନ ୪ ହିଜ୍‌ରୀରେ ଘଟିଥିବାର ଦର୍ଶାଇଛନ୍ତି ଯେ, କୁରୈଶର (ଲୋକମାନଙ୍କୁ) ଉତ୍ତେଜିତ କରିବା ଏବଂ ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କର କ୍ଷଣିକ ପରାଜୟ ସେହି ସମୟରେ ଅତି ତୀବ୍ରତାର ସହିତ ଭୟାବହ ପରିଣାମ ଉଦ୍ଧୃତ କରୁଥଲା । ବସ୍ତୁତଃ ସେହି ଦିନମାନଙ୍କରେ ବନୁ ଅସଦ୍ କବିଲା ମଦିନା ଉପରେ ଛାପା ମାରିବାର ଯୋଜନା ପ୍ରସ୍ତୁତ କରୁଥିଲା । ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ଯେତେବେଳେ ଏହି ଗୁପ୍ତ ସୂଚନା ମିଳିଲା କି ବନୁ ଲହାନ୍ କବିଲାର ଲୋକମାନେ ନିଜ ସରଦାର୍ ସୁଫୟାନ୍ ବିନ୍ ଖାଲିଦ୍‌ଙ୍କୁ ଟାହିଟାପରା (ଉତ୍ତେଜିତ) କରିବା ଯୋଗୁଁ ନିଜ ଭିଟାମାଟି ଉର୍‌ନା ଯାହାକି ମକ୍କାର ଏକ ନିକଟବର୍ତ୍ତୀ ଅଞ୍ଚଳ ଥିଲା, ଏକ ବିଶାଳ ସେନାବାହିନୀ ଏକତ୍ରିତ କରୁଛନ୍ତି । **ଏପରି କରିବାରେ ତାଙ୍କର ମୂଳ ଉଦ୍ଦେଶ୍ୟ ମଦିନା ଉପରେ ଆକ୍ରମଣ କରିବା ଅଟେ ।**

ଇସଲାମର ପ୍ରାଣ ପ୍ରତିଷ୍ଠାତା ଯେ କି ଅତି ପାରଦର୍ଶୀ ଓ ଆରବର ବିଭିନ୍ନ କବିଲାର ଅବସ୍ଥା ତଥା ସେମାନଙ୍କ ସରଦାର୍‌ମାନଙ୍କ ସାମର୍ଥ୍ୟ ଓ ପ୍ରଭାବ ସମ୍ପର୍କରେ ଖୁବ୍ ଭଲ ଭାବରେ ଅବଗତ ଥିଲେ, ଏହି ଖବର ହସ୍ତଗତ ହେବା ମାତ୍ରେ ବୁଝିଗଲେ କି ଏ ସମସ୍ତ ଦୁଷ୍ଟାମି ଓ ବିଶୃଙ୍ଖଳା ବନୁ ଲହାନ୍ କବିଲାର ସରଦାର୍ ସୁଫୟାନ୍ ବିନ୍ ଖାଲିଦ୍ ଭିଆଇଛି । ହୁଜୁର[ସ.ଅ] ଏକଥା ମଧ୍ୟ ଜାଣି ଥିଲେ ଯେ, ସୁଫୟାନ୍ ବ୍ୟତୀତ ଉକ୍ତ କବିଲାରେ ଅନ୍ୟ କେହି ନାହାନ୍ତି ଯେ ତାଙ୍କ ପରି ପ୍ରଭାବଶାଳୀ । ଯେ ଏପରି କାଣ୍ଡ ଭିଆଇ ପାରିବ ଅର୍ଥାତ ଏପରି ଷଡ଼ଯନ୍ତ୍ର କରିବାର ଦୁଃସାହସ କରିପାରିବ । ସୁତରାଂ ଆପଣ[ସ.ଅ] ଏକ ସୈନ୍ୟଦଳ ଗଠନ କରି ତାହାକୁ ପ୍ରେରଣ କରିବାରେ ଗରିବ ମୁସଲମାନମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେବେ ଏବଂ ଦେଶରେ ଯେତେ ମାତ୍ରାରେ ରକ୍ତପାତ ହେବ ତାହାର ଅନୁମାନ କରି ଏହି ପରାମର୍ଶ ଦେଲେ କି କେହି ଜଣେ ବ୍ୟକ୍ତି ଚାଲିଯାନ୍ତୁ ଏବଂ ସୁଯୋଗ ଦେଖି ଉକ୍ତ ଖଳ ଓ ଷଡ଼ଯନ୍ତ୍ରର ପ୍ରମୁଖ ସୁଫୟାନ୍ ବିନ୍ ଖାଲିଦ୍‌କୁ ହତ୍ୟା କରିଦେଉ । ଅତଃ ପୈଗମ୍ବର ମୁହମ୍ମଦ ମୁସ୍ତଫା[ସ.ଅ] ଏହି କାର୍ଯ୍ୟ ସମ୍ପାଦନ କରିବା ସକାଶେ ହଜରତ ଅବଦୁଲ୍ଲାଃ

ବିନ୍ ଅନିସ୍ [ର.ଅ]ଙ୍କୁ ପ୍ରେରଣ କଲେ । ସେ ଅତି ଚତୁରତାର ସହିତ ବନୁ ଲହାନ୍ କବିଲାର ଶିବିରରେ ପ୍ରବେଶ କଲେ ଯେ ବାସ୍ତବରେ ମଦିନା ଉପରେ ଆକ୍ରମଣ କରିବା ପାଇଁ ବେଶ ତୀବ୍ରତାର ସହିତ ପ୍ରସ୍ତୁତି ଚଳାଇ ଥିଲେ । ଦିନେ ରାତିରେ ତାଙ୍କୁ ଏହି ଉଦ୍ଦେଶ୍ୟ ପୂରଣ କରିବାର ଅବସର ମିଳିଗଲା, ଆଉ ସେ ସୁଫୟାନ୍‌ର କାମ ତମାମ କରିଦେଲେ । ଯେତେବେଳେ ବନୁ ଲହାନ୍ କବିଲାକୁ ଏହି ଖବର ମିଳିଲା ସେ ସଙ୍ଗେସଙ୍ଗେ ହଜରତ ଅବଦ୍ଦୁଲ୍ଲାଃ [ର.ଅ]ଙ୍କ ପଛରେ ବାହାରି ପଡ଼ିଲେ କିନ୍ତୁ ସେ ଲୁଚିଛପି ସେଠାରୁ ଖସି ଆସିଲେ ।

ସେଠାରୁ ଫେରି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ସମ୍ମୁଖରେ ହଜରତ ଅବଦ୍ଦୁଲ୍ଲାଃ ବିନ୍ ଅନିସ୍[ର.ଅ] ଉପସ୍ଥିତ ହେଲେ । ତାଙ୍କ ମୁଖ ଦେଖି ହୁଜୁର[ସ.ଅ] ଜାଣିନେଲେ ଯେ, ସେ ସଫଳ ହୋଇ ଫେରିଛନ୍ତି । ଅତଏବ ହୁଜୁର[ସ.ଅ] ତାଙ୍କୁ ଦେଖିବା ମାତ୍ରେ କହିଲେ; ଅଫ୍‌ଲାହା ଓଜ୍‌ହୁ ତୁମ ମୁଖରୁ ତୁମ କୃତିତ୍ୱ ସ୍ପଷ୍ଟ ପ୍ରତୀତ ହେଉଅଛି । ଏଥିରେ ହଜରତ ଅବଦ୍ଦୁଲ୍ଲାଃ କି ସୁନ୍ଦର ଉତ୍ତର ଦେଲେ, ଅଫ୍‌ଲାହା ଓଜ୍‌ହୁକା ୟାରସୁଲ୍ଲାହ୍ ହେ ଅଲ୍ଲାଃଙ୍କ ରସୁଲସ.ଅ ! ସକଳ ପ୍ରକାରର ସଫଳତା ଆପଣଙ୍କ ପାଇଁ ଉଦ୍ଦିଷ୍ଟ । ସେତେବେଳେ ହୁଜୁର[ସ.ଅ] ନିଜ ଆଶା ବାଡ଼ି ହଜରତ ଅବଦ୍ଦୁଲ୍ଲାଃ [ର.ଅ]ଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ଆଉ ତାଙ୍କୁ ସମ୍ବୋଧିତ କରି କହିଲେ; **ବୈକୁଣ୍ଠ ପୁରରେ ତୁମେ ଏହି ବାଡ଼ିରେ ଭରା ଦେଇ ଆଉଜି ବସିବାରେ ସାହାଯ୍ୟ କରିବ ।** ବସ୍ତୁତଃ ସେ ତାହାକୁ ଅତି ସର୍ଦ୍ଧ, ଯତ୍ନ ଓ ନିଷ୍ଠାର ସହିତ ସାଇତି ରଖିଲେ ଏବଂ ନିଜ ଅନ୍ତିମ ସମୟରେ ଓ୍ୱସିୟତ୍ କରିଗଲେ କି ମୋ କବରରେ ଏହାକୁ ପୋତି ଦେବ । ସୁତରାଂ ସେହିପରି ହିଁ କରାଗଲା ।

ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଏହି ପ୍ରସନ୍ନତା ଯାହାକି ହଜରତ ଅବଦ୍ଦୁଲ୍ଲାଃ[ର.ଅ] ନିଜ ଦାୟିତ୍ୱ ସମ୍ପନ୍ନ କରିବାରେ ସଫଳ ହେବା ଯୋଗୁଁ ପରିପ୍ରକାଶ ପାଉଥିଲା ଏବଂ ହୁଜୁର [ସ.ଅ]ଙ୍କର ତାଙ୍କୁ ପୁରସ୍କୃତ କରିବା ଦର୍ଶାଉଛି କି ହୁଜୁର[ସ.ଅ] ସୁଫୟାନ୍ ବିନ୍ ଖାଲିଦ୍‌ର ଷଡ଼ଯନ୍ତ୍ରକୁ ଅତି ଭୟଙ୍କର ମନେ କରୁଥିଲେ । ଆଉ ତାହାର ବଧ ହେବା ଶାନ୍ତି ପ୍ରତିଷ୍ଠା ଦିଗରେ ମଙ୍ଗଳମୟ ହୃଦୟଙ୍ଗମ କରୁଥିଲେ । ଶତ୍ରୁ ଆପଣ [ସ.ଅ]ଙ୍କ ଉପରେ ଏହି ଆପତ୍ତି ବାଡ଼ି ଥାନ୍ତି କି ନଉଜୁବିଲ୍ଲାଃ ଆପଣ ଶାନ୍ତି ଭଙ୍ଗ କରିଛନ୍ତି ଏବଂ ମୂଲ୍ୟବାନ ମନୁଷ୍ୟ ଜୀବନର ହତ୍ୟା କରାଇଛନ୍ତି । କିନ୍ତୁ ଦେଖ ଆପଣ[ସ.ଅ] ତ ମନୁଷ୍ୟ ଜୀବନର ଏପରି ସମ୍ମାନ ରକ୍ଷା କରୁଥିଲେ କି ଶତ୍ରୁ ଦଳର ପ୍ରାଣ ରକ୍ଷା କରିବା ସକାଶେ ଗୋଟିଏ ଉପାୟ ପାଞ୍ଚିଲେ କି ଅନେକ ଲୋକମାନଙ୍କର ପ୍ରାଣ ରକ୍ଷା ସକାଶେ ଗୋଟିଏ ଜୀବନର ହାନୀ ହେବା ଶ୍ରେୟସ୍କର । ଏହା ମନୁଷ୍ୟ ଜୀବନ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାର ଉଲ୍ଲେଖନୀୟ ସ୍ତର । ଆଜିକାଲିର ସ୍ୱାର୍ଥପର ସଂସାର କିଛି ଲୋକମାନଙ୍କୁ ହତ୍ୟା କରିବାକୁ ଯାଇ ନିରୀହ ପିଲା, ଅବଳା ନାରୀ ଓ ବୃଦ୍ଧମାନଙ୍କର ମଧ୍ୟ ନିର୍ମମ ରକ୍ତପାତ କରି ଚାଲିଛନ୍ତି । ଆଉ ଖୁବ୍ ଔଦ୍ଧତ୍ୟର ସହିତ କହିଥାନ୍ତି କି ଯୁଦ୍ଧରେ ତ ଏପରି ଘଟିଥାଏ । କିନ୍ତୁ ପୈଗମ୍ବର ମୁହମ୍ମଦ[ସ.ଅ] ନିଜ ଅନୁଚରମାନଙ୍କୁ ନିୟମିତ ରୂପେ ଯୁଦ୍ଧ କରିବା ପୂର୍ବରୁ ଏହି ନିର୍ଦ୍ଦେଶ ଦେଉଥିଲେ କି କୌଣସି ନିରୀହ ପିଲା, ଅବଳା ନାରୀ, ଧାର୍ମିକ ଓ ବୃଦ୍ଧ ବ୍ୟକ୍ତି ଯେ ସିଧାସଳଖ ଯୁଦ୍ଧରେ ସାମିଲ ନାହାନ୍ତି, ତାହାର ହତ୍ୟା କରିବ ନାହିଁ । **ଅତଃ ଏପରି ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କର ଅତି ସୁନ୍ଦର ଓ ଅବିସ୍ମରଣୀୟ ଚରିତ୍ର ରହିଥିଲା ଏବଂ ଏହା ହିଁ ଇସଲାମୀୟ ନୀତିଶିକ୍ଷା ।**

ଏଥିଅନ୍ତେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସରିୟା ରଜିଈର ଚର୍ଚ୍ଚା କରି କହିଲେ; ଏହାର ବ୍ୟାଖ୍ୟା ସୁଦୀର୍ଘ ଅଟେ । ତେଣୁ ଆଜି ତାହାର କିଛି ଅଂଶ ବର୍ଣ୍ଣନା କରି ଦେଉଛି । ଉକ୍ତ ଅଭିଯାନ ୪ହିଜ୍‌ରୀର ସଫର୍ ମାସର ପ୍ରାରମ୍ଭରେ ଘଟିଥିଲା । ଆମର **ରିସର୍ଚ୍ଚ ସେଲ୍** ସରିୟା ରଜିଈ ସଂକ୍ରାନ୍ତରେ ଏକ ନୋଟ ପ୍ରଦାନ କରିଛନ୍ତି ଏବଂ ତାହା ଚିନ୍ତନ କରିବା ବିଷୟ କାରଣ (ଇତିହାସବିତ୍‌ଙ୍କ ଦର୍ଶା ଯାଇଥିବା) କେତେକ ତାରିଖ ମଧ୍ୟରେ ଫରକ୍ ରହିଛି । ସରିୟା ରଜିଈ ସଂକ୍ରାନ୍ତରେ ଅଧିକାଂଶ ଇତିହାସବିତ୍ ମତ ପ୍ରକାଶ କରିଛନ୍ତି କି ତାହା ୪ହିଜ୍‌ରୀର ସଫର୍ ମାସରେ ଘଟିଥିଲା । ଏହାର ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ହଜରତ ଖବିବ୍ ଓ ହଜରତ ଜୈଦ୍ [ର.ଅ]ଙ୍କୁ ମକ୍କାରେ ବିକ୍ରି କରିଦିଆଗଲା । କିନ୍ତୁ ହୁରମତ୍ ମାସ (ଯେଉଁ ମାସରେ ଯୁଦ୍ଧ କରିବା ଅବୈଧ) ତାହା ଆରମ୍ଭ ହେବା ଯୋଗୁଁ ମକ୍କାବାସୀ ତାଙ୍କୁ ବନ୍ଦୀ

କରି ରଖିଲେ । ଆଉ ଯେତେବେଳେ ତାହା ଶେଷ ହୋଇଗଲା ସେଦୁହିଁଙ୍କୁ ହତ୍ୟା କରିଦେଲେ । ଯଦି ଏହି ଅଭିଯାନ ୪ହିଜ୍‌ରୀର ସଫର୍ ମାସରେ ଘଟିଥିବାର ସ୍ୱୀକାର କରାଯାଏ ତେବେ ଏପରି କହିବା କି ସେତେବେଳେ ହୁରମତ୍ ମାସ ଆରମ୍ଭ ହୋଇ ଯାଇଥିଲା ତାହା ଭୁଲ ସାବ୍ୟସ୍ତ ହେବ । ତେଣୁ ସଠିକ୍ ଏହା ହିଁ ପ୍ରତୀତ ହେଉଛି ଯେ, ଉକ୍ତ ଅଭିଯାନ ୩ ହିଜ୍‌ରୀର ସୱ୍ୱାଲ୍ ମାସର ଶେଷ ପର୍ଯ୍ୟାୟରେ ଘଟିଥିଲା । ଯେହେତୁ ୪ ହିଜ୍‌ରୀର ସଫର୍ ମାସରେ ହଜରତ ଖବିବ୍ ଓ ହଜରତ ଜୈଦ୍ [ର.ଅ]ଙ୍କୁ ଶହିଦ୍ କରାଯାଇଥିଲା । ଯେତେବେଳେ ତାଙ୍କ ଶହିଦ୍ ହେବାର ଖବର ମଦିନାରେ ପହଞ୍ଚିଲା ଉକ୍ତ ତାରିଖ ସର୍ବସାଧାରଣ ମନରେ ଧିରେ ଧିରେ ବସିଗଲା । ସେ ଯାହା ହେଉ ଅଲ୍ଲାଃତାଲାଙ୍କୁ ସକଳ ପ୍ରସଙ୍ଗ ଜଣା ।

ଉକ୍ତ ଅଭିଯାନ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ବନୁ ଲହାନ୍‌ର ସରଦାରକୁ ହତ୍ୟା କରିବା ଯୋଗୁଁ ଉକ୍ତ କବିଲା ପ୍ରତିଶୋଧର ଅନଳ ଅଗ୍ନିରେ ଜଳୁଥିଲା ଏବଂ ମୁସଲମାନମାନଙ୍କ ଠାରୁ ପ୍ରତିଶୋଧ ନେବା ପାଇଁ ଅଧିର ଥିଲା । ଅତଏବ ଅଜଲ୍ ଓ କାରା କବିଲାର କିଛି ଲୋକ ରୀତିମତ ଭାବରେ ଏକ ଯୋଜନା ପ୍ରସ୍ତୁତ କରି ନବୀଶ୍ରେଷ୍ଠଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ; ଆମ କବିଲାରେ ଇସଲାମର ପ୍ରତିଷ୍ଠା ପ୍ରତି ଲୋକପ୍ରିୟତା ଓ ଆଗ୍ରହତା ରହିଛି । ସୁତରାଂ ଆପଣ ନିଜର କିଛି ଅନୁଚର ଆମ ସହିତ ପ୍ରେରଣ କରିଦିଅନ୍ତୁ ଯେ ସେଠାରେ ଇସଲାମର ପ୍ରଚାର କରିବେ । ହୁଜୁର[ସ.ଅ] ସେମାନଙ୍କ ସହିତ କିଛି ସାହାବାଙ୍କୁ ପ୍ରେରଣ କରିଦେଲେ । ଜୀବନୀର ଅଧିକାଂଶ ପୁସ୍ତକରେ ୧୦ଜଣ ସାହାବାଙ୍କର ଚର୍ଚ୍ଚା ମିଳୁଅଛି । କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୭ଜଣ ସାହାବାଙ୍କର ନାମ ଉଲ୍ଲେଖ ରହିଛି । ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ସେହି ସାହାବାଙ୍କୁ ଆସିମ୍ ବିନ୍ ସାବିତ୍[ର.ଅ] ଅଥବା ମୁରସଦ୍ ବିନ୍ ଅବି ମୁରସଦ୍ [ର.ଅ]ଙ୍କୁ ଦଳର ଅଧିପତି ମୁତୟନ କରି ପ୍ରେରଣ କରିଥିଲେ । ପରବର୍ତ୍ତୀ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ପରିଶେଷରେ ମହାମାନ୍ୟ ହୁଜୁର ଅନୱ୍ୱର[ଅ.ବ] ଦୁଆର ଆହ୍ୱାନ ଜଣାଇ କହିଲେ; ଆଜି ପୁଣିଥରେ ମୁଁ ୟମନ୍‌ରେ କାରାବରଣ ଭୋଗ କରୁଥିବା କଏଦୀମାନଙ୍କ ପାଇଁ ବିଶେଷ ଦୁଆ କରିବାକୁ କହିବାକୁ ଚାହୁଁଛି । ବିଶେଷକରି ସେହି ମହିଳାଙ୍କ ପାଇଁ ଦୁଆ କରିବେ ଯେ ସେଠାକାର ସଦର୍ ଲଜ୍‌ନା । ସେଠାରେ ସେ ବହୁତ କଷ୍ଟରେ ରହିଛନ୍ତି । ଆଉ ଯେଉଁମାନେ ସେମାନଙ୍କ କଥାକୁ ମୁଣ୍ଡପାତି ସ୍ୱୀକାର କରୁ ନାହାନ୍ତି ତାଙ୍କୁ ମଧ ବନ୍ଦୀ କରି ନେଉଛନ୍ତି । ସେମାନଙ୍କ ପାଇଁ ବିଶେଷ ଦୁଆ କରିବେ କି ଅଲ୍ଲାଃତାଲା ତାଙ୍କୁ ଶୀଘ୍ର କାରାମୁକ୍ତ କରିବାର ବ୍ୟବସ୍ଥା କରିଦିଅନ୍ତୁ ।

ପାକିସ୍ତାନରେ କଏଦ ଥିବା ଅହେମଦିମାନଙ୍କ ମୁକ୍ତି ଲାଭ କରିବା ସକାଶେ ମଧ ଦୁଆ କରିବେ । ଫିଲିସ୍ତିନର ନିରୀହ ଜନତାଙ୍କ ପାଇଁ ମଧ ଦୁଆ କରିବେ । ଏପରି ପ୍ରତୀତ ହେଉଛି କି ପରିସ୍ଥିତି ସାମାନ୍ୟ ହେଉଅଛି, କିନ୍ତୁ ପୁନଶ୍ଚ ବିଗିଡ଼ି ଯାଇପାରେ । ଇସ୍ରାଇଲ୍ ପ୍ରଶାସନ ତ ନିର୍ଲଜ୍ଜତାର ସୀମା ପାର କରିଦେଇଛି, ଅଲ୍ଲାଃତାଲା ତାଙ୍କୁ ସେହି ନିଷ୍ଠୁର ପ୍ରଶାସକଙ୍କ କବଳରୁ ରକ୍ଷା କରନ୍ତୁ ଏବଂ ମୁସଲମାନମାନଙ୍କୁ ମଧ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।